# ମୋ ଗାଁ ମୋର ଗୌରବ






## ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# ସିଫାବ୍ରୁଡ™ : ପୋଖତା କାର୍ପ ମାଛ ପୋଷଣ ନିମିତ୍ତ ଏକ ଆଦର୍ଶ ଖାଦ୍ୟ

ଯେକୌଣସି ଜଳଜୀବ ଚାଷର ସବୁ ଦିଗରୁ ବିକାଶ ଓ ପ୍ରସାର ପାଇଁ ଉତ୍କୃଷ୍ଟ ଗୁଣାତ୍ମକ ଜାଆଁଳ ଉତ୍ପାଦନ ଓ ଅବିରତ ଯୋଗାଣ ସର୍ବଦା ଅପରିହାର୍ଯ୍ୟ । ଉନ୍ନତ କୃତ୍ରିମ ପ୍ରଜନନ ପଦ୍ଧତି ଓ ହ୍ୟାଚେରୀ ପରିଚାଳନା ସାହାଯ୍ୟରେ ସମଗ୍ର ଦେଶବେର ଅନେକ ହ୍ୟାଚେରୀ ନିର୍ମିତ ହୋଇ କାର୍ପ ଜାଆଁଳ ଉତ୍ପାଦନ ସ୍ଥାୟୀ ଭାବରେ ଯଥେଷ୍ଟ ବୃଦ୍ଧି ପାଇଛି । ଦେଶର ବିଭିନ୍ନ ରାଜ୍ୟ ବିଶେଷତଃ ପଶ୍ଚିମବଙ୍ଗ ଓ ଆନ୍ଧ୍ରଦେଶରେ କୃତ୍ରିମ ପ୍ରଭାବିତ ପ୍ରଜନନ ଓ ଜାଆଁଳ ଉତ୍ପାଦନ ଏକ ସଫଳ ବାଣିଜ୍ୟକ କାର୍ଯ୍ୟକ୍ରମ ହିସାବରେ ପରିଗଣିତ ହୋଇଛି ଫଳତଃ ବହୁ ସଂଖ୍ୟକ ଚାଷୀ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପାଇଛନ୍ତି । ତେଣୁ ଯଥେଷ୍ଟ ସଂଖ୍ୟାରେ କାର୍ପ ଜାଆଁଳ ମିଳିବା ସମ୍ଭବ ହୋଇପାରୁଛି, ମାତ୍ର ଉତ୍କର୍ଷ ଓ ଗୁଣ ଦୃଷ୍ଟିରୁ ପ୍ରତିବନ୍ଧକ ଫଳରେ ମାଛଚାଷରେ ଚରମ ସାଫଲ୍ୟ ମିଳପାରୁ ନାହିଁ ।

ଏହି ସମସ୍ୟା ପ୍ରଧାନ ଅନ୍ତରାୟ ହେଲା ପ୍ରଜନନକ୍ଷମ ମାଛ ପାଇଁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ । ଜାଆଁଳ ଉତ୍ପାଦନକାରୀମାନେ ବାଧ୍ୟ ହୋଇ ପୋଖତା ମାଛଙ୍କୁ ନିଜ ନିଜର ପ୍ରଣାଳିରେ ବିଭିନ୍ନ ଖାଦ୍ୟ କିଛି ଅପରିକଳ୍ପିତ ଭାବେ ପ୍ରୟୋଗ କରିଥାନ୍ତି । ଏହି କାରଣରୁ ନାନା ସମସ୍ୟା ସୃଷ୍ଟି ହୁଏ ଯଥା ଆଂଶିକ ଓ ସମ୍ପୂର୍ଣ୍ଣ ଭାବେ ପ୍ରଜନନ ପ୍ରତିକ୍ରିୟାରେ ବିଫଳତା, ଅଣ୍ଡାଧାରଣ କ୍ଷମତା ଓ ଅଣ୍ଡାର ସଂଖ୍ୟାରେ ହ୍ରାସ, ଫର୍ଟିଲାଇଜେସନରେ ହ୍ରାସ ଓ ସ୍ପନ୍ ପୁନରୁଦ୍ଧାରରେ ବିଫଳତା । ଏହି ପଦ୍ଧତିରେ ଉତ୍ପନ୍ନ ସ୍ପନ ବା ଗୁଣ୍ଡ ଜାଆଁଳଙ୍କୁ ନର୍ସରୀ ପୋଖରୀରେ ଯେତେ ଯତ୍ନରେ ଲାଳନ ପାଳନ କଲେ ମଧ୍ୟ ଶତକଡା ୩୦ ଭାଗରୁ ଅଧିକ ବଞ୍ଚାଇ ପାରନ୍ତି ନାହିଁ । ଏତଦ୍ୱାରା ଉଭୟ ଜାଆଁଳ ଉତ୍ପାଦନକାରୀ ଓ ସାମଗ୍ରୀକ ମାଛଚାଷର ବ୍ୟବସାୟରେ ଆର୍ଥିକ କ୍ଷୟକ୍ଷତି ହେବା ସହ ଅନେକ ପରିଶ୍ରମ ବ୍ୟର୍ଥ ହୁଏ । ଏଥିଯୋଗୁ ପ୍ରଜନନକ୍ଷମ ଭାରତୀୟ କାର୍ପମାଛ ନିମିତ୍ତ ଏକ ଉପଯୁକ୍ତ ଉତ୍କୃଷ୍ଟ ଖାଦ୍ୟ ପ୍ରସ୍ତୁତିରେ ବିଶେଷ ପ୍ରୟୋଜନୀୟତା ଦେଖା ଦେଇଛି ।

ସମସ୍ତ ଏ ବିଷୟରେ ଅବଗତ ଯେ ଗୋଟିଏ ଉପଯୁକ୍ତ ପ୍ରଜନନକ୍ଷମ ମାଇମାଛ ଅଣ୍ଡା ଧାରଣ କରିଥାଏ । ଭ୍ରୂଣ ବୃଦ୍ଧି ନିମିତ୍ତ ସମସ୍ତ ଉପାଦାନ ଏକାନ୍ତ ପ୍ରୟୋଜନୀୟ ମାଇମାଛ ଦେହରୁ ଅଣ୍ଡାକୁ ସ୍ଥାନାନ୍ତରିତ ହୁଏ, ଯାହାକି ଉପଯୁକ୍ତ ଭ୍ରୂଣର ଉନ୍ନତିରେ ଆବଶ୍ୟକ ହୁଏ । ପୋଖତା ମାଛ ପ୍ରଜନନକ୍ଷମ ହେବା ପୂର୍ବରୁ ଅନ୍ତଃସାରଯୁକ୍ତ ଖାଦ୍ୟ ମାଧ୍ୟମରେ ସେମାନଙ୍କ ପୁଷ୍ଟି ସାଧନ ହୋଇଥାଏ । ଏହି ଖାଦ୍ୟ ଅପରିହାର୍ଯ୍ୟ ଆମିନୋ ଅମ୍ଳ (IAA), ଲଙ୍ଗ୍ ଚେନ ଫ୍ୟାଟି ଏସିଡ (PUFAs), ଭିଟାମିନ ଓ ମୌଳିକ ଉପାଦାନାରେ ପୂର୍ଣ୍ଣ ।

ଏକ ଦଶନ୍ଧିର ଗବେଷଣା ପରେ ଆଇ.ସି.ଏ.ଆର ସିଫା ପ୍ରଥମଥର ପାଇଁ ଭାରତରେ ପୋଖତା କାର୍ପମାଛ ନିମନ୍ତେ ଏକ ଉନ୍ନତ ସୁଷମ ଖାଦ୍ୟ ବିକାଶ କରିଛି ଯାହା ବାରମ୍ବାର କ୍ଷେତ୍ର ପରୀକ୍ଷଣ ଦ୍ୱାରା ପ୍ରମାଣିତ ହୋଇ ପାରିଛି । ଏହା ସିଫାବ୍ରୁଡ 'ଉଓରଇଇଜଙଙଉ' ନାମରେ ପରିଚିତ ଓ ଭାରତ ସରକାରଙ୍କ ଦ୍ୱାରା ଟ୍ରେଡମାର୍କ ସ୍ୱୀକୃତିପ୍ରାପ୍ତ ଗୁଣଗତମାନ ଓ ସଂଖ୍ୟାଗତମାନରେ ଉପଯୁକ୍ତ ଅଣ୍ଡା ଉତ୍ପାଦନ, ପ୍ରଜନନ ଓ ଅଣ୍ଡା ସ୍ଫୁଟନ୍ ପାଇଁ ଏହା ଏକ ଉନ୍ନତ ଖାଦ୍ୟ ।

**ପୋଖରୀ ଭିତ୍ତିକ ଚାଷ ପାଇଁ ଖାଦ୍ୟର ଆକୃତି :**

୩-୫ ମି.ମି. ବ୍ୟାସ ବିଶିଷ୍ଟ ନାଡି ଖାଦ୍ୟ କିମ୍ବା ବାଟୁଲା ଖାଦ୍ୟ ସାଧାରଣତଃ ମାଛମାନଙ୍କୁ ଯୋଗାଇ ଦିଆଯାଏ ।

**ଖାଦ୍ୟ ପ୍ରୟୋଗ ବିଧି :**

- **ଝୁଡ଼ିରେ ଖାଦ୍ୟ ଯୋଗାଣ :** 'ବାଉଁଶ ଝୁଡି' ବା 'ଟ୍ରେ' ମାଧ୍ୟମରେ ଖାଦ୍ୟକୁ ରଖାଯାଏ । ଏଗୁଡିକୁ ଲମ୍ୱା ବାଉଁଶରେ ଟାଙ୍ଗି ଦିଆଯାଇଥାଏ ।
- **'ବ୍ୟାଗ' ବା 'ଥଳି' ଭିତରେ ଖାଦ୍ୟ ଯୋଗାଣ :** ସଛିଦ୍ର ନାଇଲନ ବ୍ୟାଗ ଭିତରେ ଖାଦ୍ୟକୁ ରଖି, ଲମ୍ୱା ବାଉଁଶଗୁଡିକରେ ବନ୍ଧାଯାଇଥିବା ହ୍ୟାଣ୍ଡଲରେ ବ୍ୟାଗଗୁଡ଼ିକୁ ବାନ୍ଧି ଦିଆଯାଏ । ଏହି ଝୁଡି, ଟ୍ରେ କିମ୍ୱା ବ୍ୟାଗଗୁଡ଼ିକୁ ପୋଖରୀର ଜଳପତନର ପ୍ରାୟ ୦.୫ ମିଟର ଭିତରେ ଝୁଲାଇ ଦିଆଯାଇଥାଏ ।

**ମାଛଙ୍କୁ ଖାଦ୍ୟ ଯୋଗାଣ ନୀତି:**

ଫେବୃୟାରୀଠାରୁ ଏପ୍ରିଲ ମାସ ମଧ୍ୟରେ ପୋଖରୀସ୍ଥ ସମସ୍ତ ମାଛର ଓଜନର ଶତକଡା ୩.୫ ପ୍ରତିଶତ ହାରରେ ଖାଦ୍ୟ ନିର୍ଦ୍ଧାରିତ ନୀତି ଅନୁସାରେ ଦିଆଯାଇଥାଏ । ମେ ମାସ ଓ ତାର ପରବର୍ତ୍ତୀ ମାସମାନଙ୍କରେ ମାଛଗୁଡିକ ପ୍ରଜନନକ୍ଷମ ହେବା ପର୍ଯ୍ୟନ୍ତ ଖାଦ୍ୟର ପରିମାଣକୁ ଶତକଡା ୨ ପ୍ରତିଶତକୁ କମାଇ ଦିଆଯାଏ । ବାରମ୍ୱାର ପ୍ରଜନନ କରାଯାଇଥିବା ମାଛମାନଙ୍କ କ୍ଷେତ୍ରରେ ଉକ୍ତ ମାଛର ଓଜନର ଶତକଡା ୫ ପ୍ରତିଶତ ଖାଦ୍ୟ ଦିଆଯାଇଥାଏ । ବର୍ଷତମାମ ଏପରି ଖାଦ୍ୟ ଦିଆଯାଏ ନାହିଁ । ଜଳର ତାପମାତ୍ରା ଓ ଦ୍ରବୀଭୂତ ଅମ୍ଳଜାନ ପରିମାଣ ଅନୁମୋଦିତ ସ୍ତରରେ ରହିବା ଉଚିତ । ଦିନବେଳା ୬ ଘଣ୍ଟା ବ୍ୟବଧାନରେ ଦିନକୁ ଦୁଇଥର କରି ଖାଦ୍ୟ ଦେବା ବିଧେୟ ।

**ସିଫା ବ୍ରୁଡର ବୈଶିଷ୍ଟ୍ୟ :**

- ପୋଖତା ମାଛ ସହଜରେ ସିଫାବ୍ରୁଡକୁ ଗ୍ରହଣ କରିାରେ । ଏହା ସ୍ୱାଦଯୁକ୍ତ ଓ ଜଳରେ ମିଳାଇ ନଯାଇ ସ୍ଥାୟୀ ଭାବରେ ରହିପାରେ ।
- ସିଫାବ୍ରୁଡ ପୋଷକ ଖାଦ୍ୟରେ ଭରପୁରା ବୃହଦାକାର ଓ କ୍ଷୁଦ୍ର ପୋଷକ ଅଣୁ ଯୋଗାଇଥାଏ ଯାହାକି ଗତାନୁଗତିକ ଖାଦ୍ୟରେ ନଥାଏ ।
- ଏହି ଖାଦ୍ୟ ଡିମ୍ୱାଶୟ ବୃଦ୍ଧି ଓ ପୁଷ୍ଟିକୁ ତ୍ୱରାନ୍ୱିତ କରିବା ଫଳରେ ପ୍ରଜନନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟରେ ବହୁ ଆଗରୁ ଘଟିଥାଏ ।
- ଏହା ପ୍ରଜନନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।
- ଏହା ମାଛର ଅଣ୍ଡା ଓ ଶୁକ୍ରାଣୁର ସଂଖ୍ୟା ଏବଂ ଗୁଣବତ୍ତାର ଉନ୍ନତି ଓ କାର୍ଯ୍ୟଦକ୍ଷତା ବୃଦ୍ଧି କରାଏ ।
- ଏହି ଖାଦ୍ୟ ଅଧିକ ପରିମାଣର ସୁସ୍ଥ ସବଳ ଗୁଣ୍ଡ ଜାଆଁଳ ପ୍ରାପ୍ତିର ପ୍ରତିଶ୍ରୁତି ଦେଇଥାଏ ।
- ବହୁତଥର ଓ ବାରମ୍ୱାର ପ୍ରଜନନ ପାଇଁ ଉପଯୋଗୀ କାର୍ପମାଛମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ଖାଦ୍ୟ ।
- ପ୍ରଜନନ ହୋଇ ସାରିଥିବା ସ୍ୱେ ମାଛର ପୁନଃ ଅଣ୍ଡାଧାରଣ କ୍ଷମତା ପ୍ରାପ୍ତି ପାଇଁ ଏହା ଉପଯୋଗୀ ।
- ଏହି ଖାଦ୍ୟ ଦ୍ୱାରା ଏକକ ମାଛରୁ ଅଧିକ ଓ ଉନ୍ନତମାନର ଜାଆଁଳ ପାଇପାରିବାର ପ୍ରତିଶ୍ରୁତି ମିଳିପାରୁଛି ।
- ନର୍ସରୀ ପୋଖରୀରେ ଦ୍ରୁତଗତିରେ ବଢିବା ଓ ଅଧିକ ପରିମାଣରେ ବଞ୍ଚି ରହିବାରେ ସୁନିଶ୍ଚିତତା ମିଳିପାରୁଛି ।
- ଏହା ଆର୍ଥିକ ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭଜନକ ଯାହାକି ବାରମ୍ୱାର ଅନେକ ସ୍ଥାନରେ ପରୀକ୍ଷଣ ଦ୍ୱାରା ସ୍ୱୀକୃତି ଲାଭ କରିଛି ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ଏସ୍ ନନ୍ଦି,** ପ୍ରଧାନ ବୈଜ୍ଞାନିକ
**ଡ. ଜେ.କେ. ସୁନ୍ଦରାୟ,** ବିଭାଗୀୟ ମୁଖ୍ୟ (ଏଫ୍.ଜି.ବି.ଡି)
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ